# ଗ୍ରାହକ ସେବା କେନ୍ଦ୍ର ଉଦଘାଟିତ ।

ବିଦ୍ୟୁତ୍ ବିଭାଗର (ଟି ପି ସି ଓ ଡି ଏଲ୍) ବିଭିନ୍ନ ସେବାକୁ ଗ୍ରାହକମାନଂକ ନିକଟରେ ପହଂଚାଇ ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ଦଶମ ଗ୍ରାହକ ସେବା କେନ୍ଦ୍ର ଆଜି ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ଠାରେ ଉଦଘାଟିତ ହୋଇଯାଇଛି । ଏହି କେନ୍ଦ୍ରକୁ ଅନୁଗୋଳ ବିଧାୟକ ତଥା ବିଧାନ ସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଆନୁଷ୍ଠାନିକ ଭାବେ ଉଦଘାଟନ କରି-ବା ସହ ଲୋକମାନଂକର ବିଦ୍ୟୁତ୍ ସମସ୍ୟା ସମ୍ପର୍କିତ ପ୍ରତ୍ୟେକ କାର୍ଯ୍ୟକୁ ନିଷ୍ପାର ସହ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗ୍ରାହକ ସେବା କେନ୍ଦ୍ର ଗ୍ରାହକମାନଂକୁ ତୁରନ୍ତ ସେମାନଂକର ଅଭିଯୋଗ ସମାଧାନ କରିବା ସହ ବିଲ୍ ପଇଠ ସମ୍ପର୍କିତ ଜାଣିବା କଥା ସମ୍ପର୍କରେ ଅବଗତ କରାଯାଇପାରିବ । ନୂତନ ସଂଯୋଗ ପାଇଁ ଗ୍ରାହକ ଏଠାରେ ପଞ୍ଜିକରଣ କରିପାରିବା ସହ ନାମ,ଠିକଣା,ପରିବର୍ତ୍ତନ ଏବଂ ବିଲ୍ ପଇଠ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବାର ଆସୋସିଏସନର ସଭାପତି ଶ୍ରୀ ଦିଲ୍ଲିପ କୁମାର ସାହୁ, ସମ୍ପାଦକ ଶ୍ରୀ ସୋମନାଥ ରାଉତ, ଢେଂକାନାଳ ସାର୍କଲର ସୁପରିଟେଣ୍ଡେଟ ଇଂଜିନିୟର ସ୍ୱପ୍ନ ସରିତ ମିଶ୍ର, ଅନୁଗୋଳ ଡିଭିଜନର ମ୍ୟାନେଜର ଶ୍ରୀ ସୁବ୍ରତ ସାହୁ, ଢେଂକାନାଳ ସାର୍କଲ (ହେଡସ୍ ଅପ୍ ଗ୍ରୁପ ) ଶ୍ରୀ ବିଶ୍ୱଜିତ୍ ପରିଡା ଓ କଷ୍ଟମର ସର୍ଭିସ (ହେଡସ୍ ଅପ୍ ଗ୍ରୁପ ) ଶ୍ରୀ ଆଶିସ୍ ଶର୍ମାଂକ ସମେତ ଟି ଡି ସି ଓ ଡିଲର କର୍ମଚାରୀମାନେ ଉପସ୍ଥିତ ଥିଲେ ।

